# ଶୁଦ୍ଧି ପତ୍ର

## ( CORREIGENDUM)

### ତହସିଲଦାର ଭଣ୍ଡାରିପୋଖରୀ କାର୍ଯ୍ୟାଳୟ

### ଲଘୁ ଖଣିଜ ଦ୍ରବ୍ୟର ଲିଜ ସକାଶେ ଇସ୍ତହାର

ଏତଦ୍ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ନେରଡା ଲଘୁ ଖଜିଜ (ବାଲି) ଖାଦାନ ଟିକୁ 5 (ପାଞ୍ଚ) ବର୍ଷ ନିମନ୍ତେ 2019-20 ଆର୍ଥିକ ବର୍ଷଠାରୁ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ଭଣ୍ଡାରିପୋଖରୀ ଦ୍ୱାରା ନିଲାମ କରାଯିବ ଇଚ୍ଛୁକ ବ୍ୟକ୍ତି ବିଶେଷ OMCC (Amendment) Rule-2014 ର Form-J ପୁରଣ କରି ଏହାର ତିନି କିତା ସହ ନିମ୍ନଲିଖିତ ଦଲିଲ ସଲଗ୍ନ କରି sealed cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ରେ ତା 14.01.2019 ରିଖ ଠାରୁ ତା 16.02.2019 ରିଖ ଅପରାହ୍ନ ଘ 5 ଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ପକାଇ ପାରିବେ କିମ୍ବା ଡାକ ଯୋଗେ ପ୍ରେରଣ କରିପାରିବେ ତା 18.02.2019 ରିଖ ପୂର୍ବାହ୍ନ ଘ 11 ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ ଯେଉଁ ସୈରାତ ଉତ୍ସ ପ୍ରଥମ ଦିନ ଚୁଡାନ୍ତ ହୋଇ ନ ପାରିବ, ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଥର ତା 02.03.2019 ରିଖ ପୂର୍ବାହ୍ନ 11 ଘଟିକା ରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ Form-j ବ୍ୟତୀତ ଅନ୍ୟ କୌଣସି ଦରଖାସ୍ତ ଫର୍ମ କୁ ବିଚାରକୁ ନିଆଯିବ ନାହିଁ ।

## ଦାଖଲ କରିବାକୁ ଥିବା ଦଲିଲ ଓ କାଗଜାତ

1. ଦରଖାସ୍ତ ଫି ସକାଶେ ଟ 1000/- ( ଏକ ହଜାର ଟଙ୍କା) ର ଟ୍ରେଜେରି ଚାଲାଣ ଆବଶ୍ୟକ ( 0853-non-refund mining & mineral concession fees, rent & Royalties 0217-receipt under Orissa Minor Mineral concession fees (new) 02021-collection of deed rent & Royalties.
2. କୌଣସି ମାଇନିଙ୍ଗି ବାବଦକୁ ବକେୟା ଦେୟ ନଥିବା ନେଇ ଏ ସତ୍ୟପାଠ
3. ଆବେଦନକାରୀ ତାଙ୍କର ସ୍ଥାବର ସମ୍ପତିର ତାଲିକା ସଂପୃକ୍ତ ରାଜସ୍ୱ ଅଧିକାରୀ ଙ୍କ ଠାରୁ ଆଣି ଦରଖାସ୍ତ ସହିତ ସଂଲଗ୍ନ କରିବେ ଏହା ସହିତ ଉକ୍ତ ସମସ୍ତ ସ୍ଥାବର ସମ୍ପତିର Solvency certificate ମଧ୍ୟ ଦାଖଲ କରିବେ
4. ଅନ୍ୟ ବିବରଣି ଯଥା ବୈଷୟିକ ଦକ୍ଷତା ତଥା ଉପଲବ୍ଧ ଥିବା ଯନ୍ତ୍ରପାତି ସମ୍ବନ୍ଧିୟ ଇତ୍ୟାଦି ର ତଥ୍ୟ
5. ଗତ ଆର୍ଥିକ ବର୍ଷର VAT clearance certificate ଦାଖଲ କରିବେ
6. Income Tax clearance certificate ଦାଖଲ କରିବେ

ସର୍ତାବଳୀର ବୀବରଣୀ ଜିଲ୍ଲାପାଳଙ୍କ www.bhadrak.nic.in କିମ୍ବା ତହସିଲ କାର୍ଯ୍ୟାଳୟ ରେ ଉପଲବ୍ଧ ଅଛି

1. ଆବେଦନକାରୀ ମାନେ ଓଡିଶା ଖଣିଜ ଦ୍ରବ୍ୟ ରିହାତି ଆଇନ-2004 ( OMMC Rule-2004) ଓ Amendment Rule-2014 ପରିସର ଭୁକ୍ତ ରହିବେ
2. ଲିଜର ସମସ୍ତ ସର୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ପ୍ରଦାନ କରାଯିବ ଯଦି ଏକାଧିକ ଆବେଦନକାରୀଙ୍କ ସର୍ବାଧିକ ରୟାଲଟି ର ମୂଲ୍ୟ ସାମିଲ ହୁଏ ସେହି କ୍ଷେତ୍ରରେ ଲଟେରୀ ଉଠାଣ ମାଧମରେ ଲିଜ ଧାରୀ ଚୟନ କରାଯିବ
3. ଅମାନତ ରାଶିର ପରିମାଣ ଲିଜ ପାଇନାଲ ହେଲାପରେ ସ୍ଥିର କରାଯିବ ।

4. ଲିଜଧାରୀ ସମ୍ପୃକ୍ତି ଅଧିକାରୀ ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର 7 ଦିନ ମଧ୍ୟରେ Demand Draft ନଗଦ ଆକାରରେ ଜମା କରିପାରିବେ

5. ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କନ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମ ଧାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ

6. ସରକାରୀ ଭାବେ ଧାର୍ଯ୍ୟ ରୟାଲଟି ହାରଠାରୁ କମ ଦରରେ ଦରଖାସ୍ତ କରିଥିବା ଆବେଦନକାରୀ ଙ୍କ ଦରଖାସ୍ତକୁ ଖାରଜ କରାଯିବ  ସରକାରୀ ଭାବେ ଧାର୍ଯ୍ୟ upset price/ଧାର୍ଯ୍ୟ ରୟାଲଟି ପରିମାଣ ହେଉଛି ଟ 11,17,686 ଙ୍କା ( ଏଗାର ଲକ୍ଷ ସତର ହଜାର ଛଅ ଶହ ଛୟାଅଶୀ ଟଙ୍କା ମାତ୍ର)

7. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନଟିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ

8. ଲିଜରେ ସୈରାତ ଚଳାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ

9. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ

10. ସର୍ବୋଚ୍ଚ ଲିଜିଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ୍ ତିଆରି କରି ଦାଖଲ କରିବେ  ନଚେତ୍  ଲିଜ୍ ବାତିଲ କରାଯିବ

11. ମାଇନିଙ୍ଗ ପ୍ଲାନ୍ ରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲିଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶିକୁ Environment clearance ଆଣି ସାରିଲା ପରେ ପୈଠ କରିବେ ସମ୍ପୂର୍ଣ୍ଣ ରାଶି ପୈଠ

ହେଲାପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାଇ ଚୁକ୍ତିପତ୍ର ( Lease Deed) ସମ୍ପାଦନ କରିବେ

12. ଲିଜଧାରୀ ଲିଜ୍ ବାବଦକୁ ରୟାଲିଟି ଦେୟର ସତକଡା 5 ଭାଗ Environment Management Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ

13. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜିଧାରୀ ନି ଦାୟିତ୍ୱରେ ହାସଲ କରିବେ

14. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇ ଜମାରାଶିକୁ ବ୍ୟାଜାପ୍ତ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି

15. ଲିଜଧାରୀ ସୈରାତ ଉସ୍ତର ନକ୍ସାନୁଯାୟୀ ପିଲର ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉସ୍ତର ନକ୍ସାନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ

16. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ମିଳିବା ପର୍ଯ୍ୟନ୍ତ ଲିଜିଧାରୀ ଉସ୍ତରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ

17. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ District Website ରେ ଦେଖିପାରିବେ

18. ଯଦି ଉକ୍ତ ଇସ୍ତାହାର କୌଣସି ତୃଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କର ରହିଛି

19. ଜମା ରୟାଲିଟିର 2% ଲିଜଧାରୀ ଆୟକର ବାବଦକୁ ଚାଲାଣ ଆକାରରେ ଜମା କରିବେ

20. ଲିଜଧାରୀଙ୍କୁ ରୟାଲିଟି ସହିତ ନିର୍ଦ୍ଧାରିତ Source Rent & Dead Rent ମଧ୍ୟ ପୈଠ କରିବାକୁ ପଡିବ

21. ଲିଜ ଅବଧି ମଧ୍ୟରେ Scheduled – 1 ରେ ଉଲ୍ଲକ୍ଷିତ ଲଘୁ ଖଣିଜ ଦ୍ରବ୍ୟର ରୟାଲିଟି ଦରର ଅଭିବୃଦ୍ଧି ହେଲେ ଓ ସମ୍ପୃକ୍ତ ଲିଜିଧାରୀ ଙ୍କ ମୂଲ୍ୟାଙ୍କ କରିଥିବା ରୟାଲିଟି ଠାରୁ ଅଧିକ ହୋଇଥାଏ ତାହେଲେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲିଟି ଦାଖଲ କରିବେ ।

ଓହସିଲଦାର,ଭଣ୍ଡାରିପୋଖରୀ

Memo No 140 Dt 18.1.19

Copy Submitted to the Collector, Bhadrak / Sub- CollectorBhadrak./B.D.O Bhandaripokhari / Executive Officers of all Gram Panchayat Bhandaripokhari Block .For kind information & necessary action.

Tahasildar,Bhandaripokhari

Memo No 141 Dt 18.1.19

Copy Submitted to the D.I.O NIC Collectorate, Bhadrak with request for hosting the copy of the notice in the District Website and the same will be displayed in Website till date **16.02.19**

Tahasildar,Bhandaripokhari